# NATIONAL NEWS BULLETIN (ODIA)
## 27 April - 2026
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ।

– ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବିକାଶ ମୂଳକ ସହଭାଗିତା ହେବ ସୁଦୃଢ଼, କହିଲେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ।

– ଆସନ୍ତା ବୁଧବାର ୧୪୨ଟି ଆସନରେ ହେବ ମତଗ୍ରହଣ ।

- ବାଂଲାଦେଶରେ ପରବର୍ତ୍ତୀ ଭାରତୀୟ ଉଚ୍ଚାୟୁକ୍ତ ଭାବେ ନିଯୁକ୍ତ ହେଲେ ଦିନେଶ ତ୍ରିବେଦୀ ।

- ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ସେଣ୍ଟପିଟର୍ସ୍‌ବର୍ଗରେ ପହଞ୍ଚିଲେ ଇରାନ୍ ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ନୂଆଦିଲ୍ଲୀଠାରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବାଣିଜ୍ୟ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକ୍‌କ୍ଲେଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଗତ ବର୍ଷ ଡିସେମ୍ବର ମାସରେ ଚୁକ୍ତିନାମା ସ୍ୱାକ୍ଷରିତ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଥିଲା ।

ଭାରତୀୟ ଉତ୍ପାଦକୁ ରପ୍ତାନୀ କ୍ଷେତ୍ରରେ ନ୍ୟୁଜିଲାଣ୍ଡ ପକ୍ଷରୁ ଶତପ୍ରତିଶତ ଶୁଳ୍କମୁକ୍ତ ସୁବିଧା ମିଳିବ । ଏହି ଚୁକ୍ତିନାମା ସେବା କ୍ଷେତ୍ର ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପାରମ୍ପରିକ ଔଷଧ ଏବଂ ନିବେଶ କ୍ଷେତ୍ର ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶା କରାଯାଉଛି । ଭାରତର ଶିଳ୍ପ ଅଭିବୃଦ୍ଧି ସହିତ ନବସୃଜନ, ଭିତ୍ତିଭୂମି ଏବଂ ନିଯୁକ୍ତି କ୍ଷେତ୍ରକୁ ଏହି ଚୁକ୍ତିନାମା ସହଯୋଗ ପ୍ରଦାନ କରିବ ବୋଲି ସରକାର କହିଛନ୍ତି ।

ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଶ୍ରୀ ଗୋୟଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପଠନ କରିଥିଲେ । ନ୍ୟୁଜିଲାଣ୍ଡ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଭାଗିତାକୁ ଅଧିକ ସଶକ୍ତ କରିବ ବୋଲି ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି । ମାତ୍ର ୯ ମାସ ମଧ୍ୟରେ ଏହି ଚୁକ୍ତିନାମା ଚୂଡ଼ାନ୍ତ ରୂପ ନେଇଥିବା ମନ୍ତ୍ରୀ ଶ୍ରୀ ଗୋୟଲ ଏହି ଅବସରରେ କହିଛନ୍ତି । ଖୁବ୍ ଶୀଘ୍ର ୟୁରୋପୀୟ ସଂଘ ଏବଂ ଅମେରିକା ସହିତ ଆଉ ଦୁଇଟି ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ନେଇ ଶ୍ରୀ ଗୋୟଲ ଆଶା ବ୍ୟକ୍ତ କରିଛନ୍ତି ।

ନ୍ୟୁଜିଲାଣ୍ଡର ବାଣିଜ୍ୟ ମନ୍ତ୍ରୀ ଶ୍ରୀ ମ୍ୟାକ୍‌କ୍ଲେ ମଧ ଏହି ଅବସରରେ ସେଠାକାର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର୍ ଲକ୍‌ସନ୍‌ଙ୍କ ବାର୍ତ୍ତା ପଠନ କରିଥିଲେ । ଭାରତ ବିଶ୍ୱର ଏକ ସର୍ବବୃହତ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ପାଲଟିଛି । ଏହି ଚୁକ୍ତିନାମା ଉଭୟ ଦେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ଲକ୍‌ସନ ତାଙ୍କ ବାର୍ତ୍ତାରେ କହିଛନ୍ତି । ଏହି ଅବସରରେ ଶ୍ରୀ ମ୍ୟାକ୍‌କ୍ଲେ କହିଛନ୍ତି, ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନିଯୁକ୍ତି କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ସହ ନ୍ୟୁଜିଲାଣ୍ଡର ରପ୍ତାନୀକାରୀଙ୍କୁ ସୁଫଳ ପ୍ରଦାନ କରିବ । ଦୁଇ ଦେଶ ମଧ୍ୟରେ ବ୍ୟାବସାୟିକ ସମ୍ପର୍କ ଅଧିକ ସୁଦୃଢ଼ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ପ୍ରାରମ୍ଭରେ ଭାରତ-ନ୍ୟୁଜିଲାଣ୍ଡ ବ୍ୟାବସାୟିକ ଫୋରମ୍‌କୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶ ମଧ୍ୟରେ ବିଶ୍ୱାସକୁ ପ୍ରତିଫଳନ କରିବା ସହ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ।

# ପିଏମ୍-ଇଣ୍ଡିଆ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି । ଉଭୟ ଦେଶ ମଧ୍ୟରେ ସହଭାଗିତାର ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ସେ ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦ୍ୱିପାକ୍ଷିକ ବିକାଶ ମୂଳକ ସହଭାଗିତା ଏହି ଚୁକ୍ତିନାମା ଦ୍ୱାରା ଅଧିକ ତ୍ୱରାନ୍ୱିତ ହୋଇପାରିବ । ଦୁଇ ଦେଶ ମଧ୍ୟରେ ରହିଥିବା ଗଭୀର ବିଶ୍ୱାସ, ମୂଲ୍ୟବୋଧ ଏବଂ ମହତ୍ୱାକାଂକ୍ଷାକୁ ଏହା ପ୍ରତିଫଳିତ କରୁଛି ବୋଲି ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି । ଦେଶର କୃଷିଜୀବୀ, ଯୁବବର୍ଗ, ମହିଳା, ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ର, ଷ୍ଟାର୍ଟଅପ୍, ଶିକ୍ଷା ଏବଂ ନବସୃଜନଙ୍କ ପାଇଁ ଏହି ଚୁକ୍ତିନାମା ବ୍ୟାପକ ସୁଯୋଗ ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଚୁକ୍ତିନାମା ଆଧାରରେ ନ୍ୟୁଜିଲାଣ୍ଡ ଭାରତରେ ୨୦ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି ।

ଏହାଦ୍ୱାରା ଦେଶର କୃଷି, ଉତ୍ପାଦନ, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଅଧିକ ସଶକ୍ତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଡବ୍ଲ୍ୟୁବି-କ୍ୟାମ୍ପେନିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ୨୯ ତାରିଖ ଦିନ ୭ଟି ଜିଲ୍ଲାରେ ବଳକା ୧୪୨ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ ।  ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ୨୪ ପ୍ରଗଣା ସ୍ଥିତ କଙ୍କିନାରାଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହୁଗୁଳି ଜିଲ୍ଲାର  ଚନ୍ଦନଗରରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି । ଯୋଗୀ ଆଦିତ୍ୟନାଥ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବରିଷ୍ଠ ବିଜେପି ନେତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରୋଡ୍ ଶୋ' ଓ ନିର୍ବାଚନୀ ସଭାରେ ଯୋଗ ଦେଇଛନ୍ତି ।

ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ କୋଲକାତାରେ ଏକ ରୋଡ୍ ଶୋ'ରେ ଆଜି ଯୋଗ ଦେଇଛନ୍ତି । ଦଳର ସାଧାରଣ ସଚିବ

ଅଭିଶେକ ବାନାର୍ଜୀ ହୁଗୁଳିର ଆରାମ୍ବାଗଠାରେ ଜନସଭାରେ ଅଂଶଗ୍ରହଣ କରିଥିଲେ ।

## ଇସିଆଇ-ସିଜରର୍ସ୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ନିର୍ବାଚନ ଆୟୋଗ ୫୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନଗଦ ଟଙ୍କା ଓ ସାମଗ୍ରୀ ଜବତ କରିଛନ୍ତି । ଆୟୋଗ ପକ୍ଷରୁ ଜବତ କରାଯାଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ମଦ, ମୂଲ୍ୟବାନ ଅଳଙ୍କାର, ମାଦକଦ୍ରବ୍ୟ ଓ ନଗଦ ଟଙ୍କା ଆଦି ରହିଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଇତିମଧ୍ୟରେ ବିଧାନସଭା ନିର୍ବାଚନ କରାଯାଇଥିବା ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ, ମୁଖ୍ୟ ନିର୍ବାଚନ ଅଧିକାରୀ, ଆରକ୍ଷି ନିର୍ଦ୍ଦେଶକ  ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କର ଉଚ୍ଚସ୍ତରୀୟ ବୈଠକ କରାଯାଇଛି । ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଦିନେଶ ତ୍ରିବେଦୀ

ବାଂଲାଦେଶରେ ପରବର୍ତ୍ତୀ ଭାରତୀୟ ଉଚ୍ଚାୟୁକ୍ତ ଭାବେ ଦିନେଶ ତ୍ରିବେଦୀଙ୍କୁ ନିଯୁକ୍ତି ଦିଆଯାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଜଣେ ବରିଷ୍ଠ ରାଜନେତା ଶ୍ରୀ ତ୍ରିବେଦୀ ପୂର୍ବରୁ ମନମୋହନ ସିଂହଙ୍କ ସରକାରରେ ରେଳବାଇ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପଶ୍ଚିମବଙ୍ଗରୁ ସେ ଉଭୟ ରାଜ୍ୟସଭା ଓ ଲୋକସଭାରେ ସାଂସଦ ଥିଲେ । ସେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ବାରାକପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୧ ମସିହାରେ ସେ ବିଜେପିରେ ଯୋଗ ଦେଇଥିଲେ ।

## ଇରାନ୍-ରୁଷ ଟକ୍ସ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ଙ୍କ ସହ ଆଲୋଚନା କରିବା ପାଇଁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚି ସେଣ୍ଟର ପିଟର୍ସ୍ ବର୍ଗରେ ପହଞ୍ଚିଛନ୍ତି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ଏବଂ ଇରାନ୍ ବିରୁଦ୍ଧରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ସାମରିକ ପଦକ୍ଷେପ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି । ଇରାନୀ ଅଧିକାରୀ ଏହି ଗସ୍ତକୁ ତେହେରାନ୍ ଏବଂ ମସ୍କୋ ମଧ୍ୟରେ ଘନିଷ୍ଠ ସମ୍ପର୍କର

ପ୍ରତିଫଳନ ବୋଲି ବର୍ଣ୍ଣନା କରିଛନ୍ତି । ଓମାନ୍ ଯାତ୍ରା ଶେଷ କରି ଶ୍ରୀ ଅର୍ଘାଚି ରୁଷ ଗସ୍ତରେ ଯାଇଛନ୍ତି । ଓମାନ୍‌ରେ ସୁଲତାନ୍ ହାଇଥମ୍ ବିନ୍ ତାରିଖ୍‌ଙ୍କ ସହ ଶ୍ରୀ ଅର୍ଘାଚି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି ।

## ଗଭ୍-ଓ୍ୱେଷ୍ଟଏସିଆ-ବ୍ରିଫିଙ୍ଗ୍

ଦେଶରେ ସାର ଉପଲବ୍ଧତା ସୁଦୃଢ଼ ରହିଛି ଏବଂ ନିୟମିତ ଯୋଗାଣ ଚାହିଦାଠାରୁ ଅଧିକ ରହିଥିବା ସାର ବିଭାଗ ଅତିରିକ୍ତ ସଚିବ ଅପର୍ଣ୍ଣା ଶର୍ମା କହିଛନ୍ତି । ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କିତ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୂଚନା ଦେଇ ଅତିରିକ୍ତ ସଚିବ କହିଛନ୍ତି, ଦେଶରେ ୧୮ ଲକ୍ଷ ୧୭ ହଜାର ମେଟ୍ରିକ୍ ଟନ୍ ସାର ଆବଶ୍ୟକତା ଥିବା ବେଳେ ୭୧ ଲକ୍ଷ ୫୮ ହଜାର ମେଟ୍ରିକ୍ ଟନ୍ ସାର ଉପଲବ୍ଧ ରହିଛି ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଏ ପର୍ଯ୍ୟନ୍ତ ଚଳିତ ମାସରେ ୧ ଲକ୍ଷ ୬୫ ହଜାର ଟନ୍‌ରୁ ଅଧିକ ବାଣିଜ୍ୟିକ ଏଲ୍.ପି.ଜି. ବିକ୍ରି ହୋଇସାରିଛି । ଯାହାକି ଗତମାସ ଠାରୁ ଅଧିକ । ଦେଶରେ ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଥିବା ସେ ସୂଚନା ଦେଇଛନ୍ତି ।

ବନ୍ଦର ଓ ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ମନଦୀପ ସିଂହ ରନ୍ଧଓ୍ବା କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ମିଶନ୍ ଏବଂ ସାମୁଦ୍ରିକ କ୍ଷେତ୍ରର ଅଂଶିଦାରଙ୍କ ସହ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଉଛି । ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ସେ ସୂଚନା ଦେଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଉପସାଗରୀୟ କ୍ଷେତ୍ର ଦେଶଗୁଡ଼ିକ ସହିତ ଯୋଗାଯୋଗକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ଭାରତ ପକ୍ଷରୁ ପ୍ରୟାସ ଜାରି ରହିଛି ।

ଜାତୀୟ ସୁରକ୍ଷା ପରାମର୍ଶଦାତ ଅଜିତ ଡୋଭାଲ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ କରିବା ସହ ସେଠାରେ ବ୍ୟାପକ ରଣନୈତିକ ସହଭାଗିତା ସୁଦୃଢ଼ ନେଇ ମତ ବିନିମୟ କରିଛନ୍ତି ।

## ଛାଡ୍

ପାନୀୟ ଜଳ କେନ୍ଦ୍ରକୁ ନେଇ ଦୁଇଟି ପରିବାର ମଧ୍ୟରେ ସୃଷ୍ଟି ହୋଇଥିବା ଗଣ୍ଡଗୋଳରୁ ସଂଘର୍ଷ ଘଟିବାରୁ କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ଇଷ୍ଟର୍ଣ୍ଣ ଛାଡ୍‌ରେ ୪୨ ଜଣଙ୍କର ମୃତ୍ୟୁ ଘଟିଛି । ସେଠାକାର ଉପ

ପ୍ରଧାନମନ୍ତ୍ରୀ ଲିମାନେ ମହମତ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନାବାହିନୀକୁ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି ।

## ପିଏମ୍-ଗ୍ୟାଙ୍ଗ୍‌ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଗ୍ୟାଙ୍ଗ୍‌ଟକ୍‌ରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି । ରୋଡ୍ ଶୋ'ରେ ସିକ୍କିମ୍‌ର ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଗୋଲେ ଏବଂ ରାଜ୍ୟ ବିଜେପି ସଭାପତି ଡକ୍ଟର ଥାପାଙ୍କ ସହିତ ବହୁ ସଂଖ୍ୟାରେ ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଗଞ୍ଜୁ ଦ୍ୱାରଠାରୁ ଲୋକଭବନ ପର୍ଯ୍ୟନ୍ତ ଏହି ରୋଡ୍ ଶୋ'ରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଜନସାଧାରଣ ପାରମ୍ପରିକ ବେଶପୋଷାକ ପରିଧାନ କରି ଅପେକ୍ଷା କରିଥିଲେ । ପୂର୍ବରୁ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର୍, ମୁଖ୍ୟମନ୍ତ୍ରୀ ଶ୍ରୀ ଗୋଲେ, ବାଚସ୍ପତି ଏବଂ ବରିଷ୍ଠ ମନ୍ତ୍ରୀଗଣ ପ୍ରଧାନମନ୍ତ୍ରୀଙ୍କୁ ଲିବିଂ ହେଲିପ୍ୟାଡ୍‌ରେ ସ୍ୱାଗତ କରିଥିଲେ । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ସିକ୍କିମ୍‌ର ୫୦ତମ ପ୍ରତିଷ୍ଠା ଦିବସର ସମାରୋହର ଉଦ୍‌ଯାପନୀ ସଭାରେ ଅଂଶଗ୍ରହଣ କରିବେ । ପାଲ୍‌ଜୋର୍ ଷ୍ଟାଡିୟମ୍‌ରେ ହେବାକୁ ଥିବା ଏହି ସମାରୋହରେ ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ ୪ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବେ ।

## ରାଜନାଥ-ଏସ୍‌ସିଓ ମିଟିଂ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି କିର୍ଗିଜିସ୍ତାନର ବିସ୍‌କେକ୍ ଠାରେ ପ୍ରତିରକ୍ଷାମନ୍ତ୍ରୀମାନଙ୍କ ସମ୍ମିଳନୀ ସାଂଘାଇ ସହଯୋଗ ବୈଠକରେ ଭାଗ ନେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂ କହିଛନ୍ତି, ଅସ୍ଥିର ପରିବେଶ ମଧ୍ୟରେ  ବିଶ୍ୱଶାନ୍ତି ଲାଗି ଭାରତ ଏହି ବୈଠକରେ ନିଜ ପକ୍ଷ ଉପସ୍ଥାପନ କରିବ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।